# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 08th October – 2025

*********************************

## ମୁଖ୍ୟ ସମ୍ବାଦ

- ଭାରତରେ ନିବେଶ ଓ ନବସୃଜନପାଇଁ ବର୍ତ୍ତମାନ ସର୍ବୋତ୍ତମ ସମୟ; କହିଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ।

— ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ।

- ରାଜ୍ୟରେ ସମବାୟ ସମିତି ସମ୍ପାଦକଙ୍କ କ୍ୟାଡର୍ ଗଠନ କରାଯିବ; ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।

ଏବଂ

- ଧାତୁ ଜୈବ ଢାଞ୍ଚା ବିକାଶ ପାଇଁ ରସାୟନ ବିଜ୍ଞାନରେ ତିନିଜଣ ବୈଜ୍ଞାନିକ ପାଇବେ ନୋବେଲ୍ ପୁରସ୍କାର ।

*Desk*

# ଇନୋଭେଟ୍ ଟୁ ଟ୍ରାନ୍ସଫର

ଭାରତରେ ନିବେଶ, ନବସୃଜନ ଏବଂ ମେକ୍ ଇନ୍ ଇଣ୍ଡିଆ ପାଇଁ ବର୍ତ୍ତମାନ ସର୍ବୋତ୍ତମ ସମୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀ ଯଶୋଭୂମିଠାରେ ଆଜି ଏସିଆର ସର୍ବବୃହତ୍ ଟେଲିକମ୍, ଗଣମାଧ୍ୟମ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ'- ଆଇଏମ୍‌ସି-୨୦୨୫ର ନବମ ସଂସ୍କରଣକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଟେଲିକମ୍ କ୍ଷେତ୍ରରେ ଦେଶର ସଫଳତା ଆତ୍ମନିର୍ଭର ଭାରତର ଦୂରଦୃଷ୍ଟିସମ୍ପନ୍ନ ଶକ୍ତିକୁ ପ୍ରତିଫଳିତ କରୁଛି । ଦେଶ ନବସୃଜନ ଏବଂ ପ୍ରଗତି ପାଇଁ ଏକ ପ୍ରଭାବଶାଳୀ ମଂଚ ଭାବେ ଉଭା ହେଉଛି। ଭାରତ ଏବେ ବିଶ୍ୱର ଦ୍ୱିତୀୟ ସବୃବୃହତ୍ ଟେଲିକମ ଏବଂ ଫାଇଭ୍-ଜି ବଜାର। ଆଜି ଦେଶର ପ୍ରତ୍ୟେକ ଜିଲ୍ଲାରେ ଫାଇଭ୍-ଜି ସେବା ପହଞ୍ଚିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ମୋବାଇଲ, ଟେଲିକମ୍, ଇଲେକ୍‌ଟ୍ରୋନିକ୍ସ ଏବଂ ସମଗ୍ର ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିରେ ବିଶ୍ୱସ୍ତରରେ ଥିବା ପ୍ରତିବନ୍ଧକର ସମାଧାନ ଭାରତ ପାଖରେ ରହିଛି। ଦେଶରେ ଡିଜିଟାଲ ସଂଯୋଗୀକରଣ ବର୍ତ୍ତମାନ କୌଣସି ସୁବିଧା କିମ୍ବା ବିଳାସ ହୋଇ ରହିନାହିଁ।

ଏହା ପ୍ରତ୍ୟେକ ଭାରତୀୟଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଶ୍ରୀ ମୋଦୀ କହିଛନ୍ତି।

***Voice :...........***

ଦୂରସଂଚାର ବିଭାଗ ଏବଂ ଭାରତର ସେଲ୍ୟୁଲାର ଅପରେଟର ସଂଘ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜିଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ 'ଇନୋଭେଟ୍ ଟୁ ଟ୍ରାନ୍ସଫର' ବା ନବସୃଜନରୁ ପରିବର୍ତ୍ତନ ଶୀର୍ଷକରେ ଆଲୋଚନା  ହେଉଛି। କାର୍ଯ୍ୟକ୍ରମରେ ୭ ହଜାରରୁ ଅଧିକ ବିଶ୍ୱ ପ୍ରତିନିଧି ଏବଂ ଦେଢ଼ ଶହରୁ ଅଧିକ ଦେଶର ୪ଶହରୁ ଅଧିକ କମ୍ପାନୀ ଯୋଗଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***BBSR/R***

## ରାଜ୍ୟପାଳ

ଆତ୍ମନିର୍ଭର ଭାରତ ଗଠନ କରିବାପାଇଁ ଗୁଣାତ୍ମକ ଶିକ୍ଷାର ଉପଯୋଗ, ନବସୃଜନ ଏବଂ ସ୍ଥାୟୀ ସମାଧାନ ସୃଷ୍ଟି କରିବାପାଇଁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ - ଓ.ୟୁ.ଟି.ଆର୍.ର ଚତୁର୍ଥ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଭାରତ କେବଳ ମେକ୍ ଇନ୍ ଇଣ୍ଡିଆ ନୁହେଁ; ବରଂ ଡିଜାଇନ୍ ଇନ୍ ଇଣ୍ଡିଆ ଏବଂ ଇନୋଭେଟ୍ ଫର୍ ଦି ୱାର୍ଲଡ଼୍ ଦିଗରେ ଲକ୍ଷ୍ୟ ରଖିବା ଉଚିତ । ଶିକ୍ଷାର ଅର୍ଥ କେବଳ ଜ୍ଞାନ ଆହରଣ ନୁହେଁ; ବୁଦ୍ଧି, ସାଧୁତା ଏବଂ କଳ୍ପନାକୁ ବିକଶିତ କରିବାପାଇଁ ଉଦ୍ଦିଷ୍ଟ ବୋଲି ରାଜ୍ୟପାଳ କହିଛନ୍ତି । ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତ୍ତା ଭଳି ରୂପାନ୍ତରଣ

ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ – ଆଇନ ଶୃଙ୍ଖଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଅଞ୍ଚଳରେ ଅସାମାଜିକ ବ୍ୟକ୍ତି, ବିଶୃଙ୍ଖଳାକାରୀଙ୍କ ଉପରେ କଡ଼ା ନଜର ରଖିବାକୁ ପୁଲିସ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କଟକ ଘଟଣାରେ ପରିସ୍ଥିତି ସ୍ୱାଭାବିକ ହେବା ସହ କର୍ଫ୍ୟୁ ଉଠାଯାଇଛି ଏବଂ ଇଣ୍ଟରନେଟ୍ ସେବା ପୁନଃସ୍ଥାପିତ କରାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ୍ ଫୋର୍ସ ମୁତୟନ ସହ ପାଟ୍ରୋଲିଂ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ସମବାୟ ସମିତି ସମ୍ପାଦକ

ରାଜ୍ୟରେ ସମବାୟ ସମିତି ସମ୍ପାଦକଙ୍କ କ୍ୟାଡର୍ ଗଠନ ଏବଂ ବଦଳି କରାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ରାଜ୍ୟରେ ୫ ହଜାର ୨୪୨ ସମବାୟ ସମିତି ରହିଛି । ସେଥିମଧ୍ୟରୁ ୪ ହଜାର ୨୫୨

ସମବାୟ ସମିତି ସମ୍ପାଦକ ଅଛନ୍ତି । ବିଭାଗରେ ସ୍ୱଚ୍ଛତା ଏବଂ ପାରଦର୍ଶିତା ଆଣିବାପାଇଁ ଖୁବ୍‌ଶୀଘ୍ର ସମ୍ପାଦକଙ୍କ କ୍ୟାଡର୍ ଗଠନ ନେଇ ଶ୍ରୀ ସାମନ୍ତ କହିଛନ୍ତି ।

***Voice** :.........*

ଆସନ୍ତା ୧୧, ୧୪, ୧୭ ଏବଂ ୨୩ ତାରିଖରେ ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ କର୍ମଶାଳାର ଆୟୋଜନ କରାଯିବା ସହ ମତାମତ ସଂଗ୍ରହ କରାଯିବ ।

***Nayagarh/R***

## ସାଂସଦ - ଉଦ୍‌ଘାଟନ

କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଖଳିସାହିଠାରେ ସାଂସଦ ଶ୍ରୀ ମହତାବ ବଡ଼ବାଣପୁର-ଖଣ୍ଡପଡ଼ା ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ମର୍ଦ୍ଦରାଜପୁର ପଞ୍ଚାୟତରେ ମୁଣ୍ଡିଆ ହନୁମାନପୀଠର ଭୋଗମଣ୍ଡପ ଓ ଆନନ୍ଦ ବଜାରକୁ ଉଦ୍‌ଘାଟନ କରିଥିଲେ । କଣ୍ଟିଲୋରେ ଥିବା କଂସାପିତ୍ତଳ କାରିଗରଙ୍କ ସୁବିଧା ନିମନ୍ତେ ଆଗାମୀ ଦିନରେ ବ୍ୟାଙ୍କ୍ ମାଧ୍ୟମରେ ଋଣ ବ୍ୟବସ୍ଥା କରାଯାଉଥିବା ସାଂସଦ ସୂଚନା ଦେଇଥିଲେ ।

*Cuttack/R*

# ବାଲିଯାତ୍ରା - ଡ୍ରୋନ୍ ନିଷେଧ

ଐତିହାସିକ ବାଲିଯାତ୍ରା, କଟକ ପଡ଼ିଆକୁ ଡ୍ରୋନ୍ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏନେଇ ଆଜି ନିର୍ଦ୍ଦେଶନାମା ଜାରି କରିଛନ୍ତି । ପାରାଗ୍ଲାଇଡର୍ସ, ପାରାମୋଟର୍ସ ଓ ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ମାଇକ୍ରୋଲାଇଟ୍ ଏୟାର୍‌କ୍ରାଫ୍ଟ, ହଟ୍ ଏୟାର ବେଲୁନ୍ ଓ ୟୁ.ଏ.ଭି. ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି । ଆସନ୍ତା ମାସ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ପଡ଼ିଆରେ ୫ କିଲୋମିଟର ପରିଧି ମଧ୍ୟରେ ଏହି କଟକଣାକୁ ଲାଗୁ କରାଯିବ । ବାଲିଯାତ୍ରାରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

*Desk*

# ଜି.ଏସ୍.ଟି. ସଞ୍ଚୟ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଦେଶବ୍ୟାପୀ ଲାଗୁ କରାଯାଇଛି । ପରବର୍ତ୍ତୀ

ପିଢ଼ି ଜି.ଏସ୍.ଟି. ସଂସ୍କାରକୁ ବିଭିନ୍ନ ବର୍ଗର ଜନସାଧାରଣ ସ୍ୱାଗତ କରିଛନ୍ତି । ସଂଶୋଧିତ ଦର ଅନୁଯାୟୀ ରାଜ୍ୟର ଅନେକ ସାମଗ୍ରୀ ଉପରେ ଟିକସ ହ୍ରାସ ପାଇଛି, ଯାହା ସାମଗ୍ରୀକୁ ଅଧିକ ସୁଲଭ କରିବା ସହ ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହନ ପ୍ରଦାନ କରିବ । ଏହି ସଂସ୍କାର ରାଜ୍ୟର ପାରମ୍ପରିକ କ୍ଷେତ୍ରପାଇଁ ବିଶେଷ ଗୁରୁତ୍ୱ ବହନ କରେ । ସିମେଣ୍ଟ ଉପରେ ଜି.ଏସ୍.ଟି. ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ନିର୍ମାଣ ଏବଂ ଭିତ୍ତିଭୂମି ଖର୍ଚ୍ଚ ହ୍ରାସ ପାଇବ ଏବଂ ସମଗ୍ର ରାଜ୍ୟରେ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବ । ସାମଗ୍ରୀ ଉପରେ ସଂଶୋଧିତ ଦର ଗ୍ରାମୀଣ ତଥା ଶିଳ୍ପ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ପରିକଳ୍ପନା କରାଯାଉଛି ।

***BBSR/R***

# ପୋସ୍ ଆଇନ - ସଚେତନତା କର୍ମଶାଳା

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନର ନିରାକରଣ ଆଇନ - ପୋସ୍-୨୦୧୩ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଗତ ଜୁଲାଇ ମାସରେ ପ୍ରଥମ ପର୍ଯ୍ୟାୟରେ ୬ ଶହରୁ ଅଧିକ ଲୋକସେବା ଭବନ ଅଧିକାରୀଙ୍କୁ ପୋସ୍ ଆଇନ ସମ୍ପର୍କରେ ଦିଗ୍‌ଦର୍ଶନ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୧ ଶହ ଅଧିକାରୀଙ୍କୁ ଏହି ଆଇନ ସମ୍ପର୍କରେ ସଚେତନ କରାଯାଇଛି ।

***Boudh/R***

## ଶ୍ରୀଅନ୍ନ ଅଭିଯାନ - ମାଣ୍ଡିଆ ରଥ

ବୌଦ୍ଧ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶ୍ରୀଅନ୍ନ ଅଭିଯାନ ଅନ୍ତର୍ଗତ ମାଣ୍ଡିଆ ରଥର ଶୁଭାରମ୍ଭ କରାଯାଇଛି । କୃଷି ଅଧିକାରୀ ରାକେଶ ଚୌଧୁରୀ ଏବଂ ମିଲେଟ୍ ଯୋଜନା ଅଧିକାରୀ ମଧୁସୂଦନ ପାତ୍ର ସଚେତନତା ରଥର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଶ୍ରୀଅନ୍ନ ଅଭିଯାନ ଜିଲ୍ଲା ସଂଯୋଜକ ଏବଂ କୃଷିବିଭାଗର କର୍ମୀମାନେ ସାମିଲ୍ ହୋଇଥିଲେ । ଏହି ରଥ ବୌଦ୍ଧ ବ୍ଲକ୍‌ର ସମସ୍ତ ପଞ୍ଚାୟତ ପରିକ୍ରମା କରି ଚାଷୀମାନଙ୍କୁ ସଚେତନ କରାଇବ ।

***Gajapati, Kalahandi/R***

## କପାଚାଷୀ ପଞ୍ଜୀକରଣ

ଭାରତୀୟ କପା ନିଗମ ଲିମିଟେଡ୍ ଓ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କପାଚାଷୀ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ମଧୁମିତା କପାଚାଷୀ ପଞ୍ଜୀକରଣ ପ୍ରଚାର ରଥକୁ ଶୁଭାରମ୍ଭ କରିଥିଲେ ।

କଳାହାଣ୍ଡି ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ନଭେମ୍ବର

ମାସ ୨୬ ତାରିଖରୁ ଭବାନୀପାଟଣା ବ୍ଲକ୍‌ର କର୍ଲାପଡ଼ା ଏବଂ କେସିଙ୍ଗା ବ୍ଲକ୍‌ର ଉତ୍‌କେଲାଠାରେ ଦୁଇଟି କପାମଣ୍ଡି ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏଥିପାଇଁ ଆସନ୍ତା ୩୧ ତାରିଖ ସୁଦ୍ଧା ମୋବାଇଲ୍ ଆପ୍ 'କପାସ୍ କିଷାନ୍' ମାଧ୍ୟମରେ ଚାଷୀମାନେ ନାମ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି ।

***Desk***

# ରସାୟନ - ନୋବେଲ୍ ପୁରସ୍କାର

ଧାତୁ-ଜୈବ ଢାଞ୍ଚା ବିକାଶ ପାଇଁ ଆଜି ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ତିନି ଜଣ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ୨୦୨୫ ମସିହାପାଇଁ ନୋବେଲ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଛି । ବୈଜ୍ଞାନିକ ସୁସୁମୁ କିଟାଗାୱା, ରିଚାର୍ଡ ରବସନ୍ ଏବଂ ଓମାର ଏମ୍. ୟାଘି ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ପ୍ରବାହିତ ହୋଇପାରିବା ଭଳି ବୃହତ୍ ସ୍ଥାନ ସହିତ ଆଣବିକ ନିର୍ମାଣ କ୍ଷେତ୍ରରେ ଗବେଷଣାପାଇଁ ଏହି ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି ।

*Bhadrak/R*

## ଦକ୍ଷିତା ବିକାଶ କାର୍ଯ୍ୟକ୍ରମ

ଗ୍ରାମାଞ୍ଚଳ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଭଦ୍ରକ ଜିଲ୍ଲା ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଞ୍ଜୀୟ କୁମାର ମହାନ୍ତିଙ୍କ ସମେତ ଅନ୍ୟ କୃଷି ବିଶେଷଜ୍ଞମାନେ ଯୋଗଦେଇ କୃଷି ଉତ୍ପାଦିତ ଦ୍ରବ୍ୟ, ଫସଲରେ କୀଟନାଶକ ଓ ସାର ବ୍ୟବହାର, ଆଧୁନିକ ଯନ୍ତ୍ରପାତିରେ ରୋଗପୋକ ନିୟନ୍ତ୍ରଣ ଆଦି ଉପରେ ଆତ୍ମନିର୍ଭରଶୀଳ ହେବାପାଇଁ ପ୍ରଶିକ୍ଷଣ ଦେଇଥିଲେ ।

*Nayagarh/R*

## ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ଆଜି ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା ।

*Boudh/R*

# ମହିଳା କୃଷକ ସୁରକ୍ଷା

ବୌଦ୍ଧ ଜିଲ୍ଲାର ମହିଳା କୃଷକଙ୍କ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହରଭଙ୍ଗା ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମହିଳା କୃଷକମାନଙ୍କୁ ବିଭିନ୍ନ ଜୀବନରକ୍ଷାକାରୀ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

******